# ଗ୍ରାମୀଣ କୃଷି ମୌସମ ସେବା
# ଭାରତ ପାଣିପାଗ ବିଭାଗ
# କୃଷି ବିଜ୍ଞାନ କେନ୍ଦ୍ର କଟକ
# ଭାକୃଅନୁପ- ଜାତୀୟ ଧାନ ଗବେଷଣା ଅନୁଷ୍ଠାନ,କଟକ

ତାରିଖ- ୦୪/୦୭ /୨୦୨୧

## ଆଗକୁ ୫ଦିନ ପାଇଁ ପାଣିପାଗ ପୂର୍ବାନୁମାନ:

### ପାଣିପାଗ ପୂର୍ବାନୁମାନ:

ଆଗକୁ କଟକ ଜିଲ୍ଲାରେ ଆଗକୁ କାଲି , ସୋମବାର ଓ ମଙ୍ଗଳବାର ଅତିକମ ବର୍ଷା ବା ଘଡଘଡି ଏବଂ ଅନ୍ୟ ୨ଦିନ ପାଗ ଶୁଷ୍କ ସମ୍ଭାବନା ଅଛି. ଆଗକୁ ୫ଦିନ ସର୍ବାଧିକ ତାପମାତ୍ରା ୩୭-୩୮ ଡିଗ୍ରୀ ସି ଓ ସର୍ବନିମ୍ନ ତାପମାତ୍ରା ୨୬-୨୭ଡିଗ୍ରୀ ସି ସମ୍ଭାବନା ଅଛି. ଆଗକୁ ୫ଦିନ ସର୍ବାଧିକ ଆଦ୍ରତା ୬୩-୭୨ ଓ ସର୍ବନିମ୍ନ ଆଦ୍ରତା ୨୫-୩୪ ସମ୍ଭାବନା ଅଛି. ଆଗକୁ ୫ଦିନ ଆକାଶ ମୁଖ୍ୟତଃ ଆଂଶିକ ମେଘୁଆ ରହିବା ସମ୍ଭାବନା ଅଛି.

## କୃଷି ପାଣିପାଗ ଉପଦେଶ

1.ମକା ଫସଲରେ ଯଦି ପତ୍ରପୋଡ଼ା ରୋଗ ଓ ମୂଳ/ କାଣ୍ଡପଚା ରୋଗ ଲାଗିଲେ ତେବେ ଏହାର ନିରାକରଣ ପାଇଁ Validamycin 3% SL 2ml କିମ୍ବା Mancozeb 4g କୁ ପ୍ରତି ଲି ପାଣିରେ ମିଶାଇ ସିଞ୍ଚନ କରନ୍ତୁ.

2. ନଳିତା ଜମିରୁ ଅଧିକା ଜଳକୁ ନିଷ୍କାସନ ବ୍ୟବସ୍ଥା କରନ୍ତୁ .ବର୍ଷା ପରେ ଯଦି ବର୍ତମାନ କାଣ୍ଡସଢ଼ା ରୋଗ ଲାଗିଛିତେବେ ଏହାର ନିରାକରଣ ପାଇଁ Validamycin 3% SL 2ml କିମ୍ବା Mancozeb 4g କୁ ପ୍ରତି ଲି ପାଣିରେ ମିଶାଇ ସିଞ୍ଚନ କରନ୍ତୁ.

3. ପନିପରିବା ତଳିଘରକଟା ରୋଗର ସମ୍ଭାବନା ଅଛି ଏହାର ନିରାକରଣ ପାଇଁ Metalyxyl+Mancozeb/ Carboxin+Thiram@ ୨ଗ୍ରାମ କିମ୍ବା Copper oxychloride@ ୨.୫ଗ୍ରାମ କୁ ପ୍ରତି ଲି ପାଣିରେ ମିଶାଇ ସିଞ୍ଚନ କରନ୍ତୁ

4. ବାଇଗଣ ରେ ଫଳ ଏବଂ କାଣ୍ଡବିନ୍ଧା ପୋକ ଲାଗିଲେ ଏହାର ନିରାକରଣ ପାଇଁ ପ୍ରାରମ୍ଭିକ ଅବସ୍ଥାରେ ନିମ୍ବ ଜାତୀୟ ଔଷଧ 1500ppm@ ୬୦୦ ମିଲି ପ୍ରତି ଏକର ହିସାବରେ ସିଞ୍ଚନ କରନ୍ତୁ . ପରବର୍ତୀ ଅବସ୍ଥାରେ Spinosad 45%SC@ ୭୦ ମିଲି ପ୍ରତି ଏକର କିମ୍ବା Thiodicarb@ ୩୦୦ ଗ୍ରାମ ପ୍ରତି ଏକର ହିସାବରେ ୧୫ଦିନ ବ୍ୟବଧାନରେ ସିଞ୍ଚନ କରନ୍ତୁ .

5. ଝୁଡଙ୍ଗରେ କଳଙ୍କୀ ରୋଗ ଲାଗିଲେ ଏହାର ନିରାକରଣ ପାଇଁ Chlorothalonil ୨ଗ୍ରାମ କୁ ପ୍ରତି ଲି ପାଣିରେ ମିଶାଇ ସିଞ୍ଚନ କରନ୍ତୁ .

6. ଭେଣ୍ଡିରେ ସାହେବି ରୋଗ ଲାଗିଲେ ଏହାର ନିରାକରଣ ପାଇଁ Thiomethoxam 25WG ୬୦ଗ୍ରାମ କୁ ପ୍ରତି ଏକର ହିସାବରେ ସିଞ୍ଚନ କରନ୍ତୁ .

7. ବର୍ଷା ପରବର୍ତୀ ବାଇଗଣ, ଭେଣ୍ଡି, ଲଙ୍କା ଆଦି ଗଛରେ ମୂଳ ସଢ଼ା ରୋଗ ହେବାର ସମ୍ଭାବନା ଥାଏ. ଏହାର ପ୍ରତିକାର ପାଇଁ 1ଲି ପାଣିରେ 2ଗ୍ରାମ metalxyl+mancozeb ଔଷଧ ମିଶାଇ ମୂଳ ସିଞ୍ଚନ କରନ୍ତୁ.

# ଗ୍ରାମୀଣ କୃଷି ମୌସମ ସେବା

# ଭାରତ ପାଣିପାଗ ବିଭାଗ

# କୃଷି ବିଜ୍ଞାନ କେନ୍ଦ୍ର କଟକ

# ଭାକୃଅନୁପ- ଜାତୀୟ ଧାନ ଗବେଷଣା ଅନୁଷ୍ଠାନ,କଟକ

ତାରିଖ- ୦୪/୦୬ /୨୦୨୧

8. କଖାରୁ ଜାତୀୟ ଫସଲରେ ନିମ୍ନମୁଖୀ ପତ୍ରପୋଡା ରୋଗ ହୋଇପାରେ. ଏହାର ପ୍ରତିକାର ପାଇଁ 1ଲି ପାଣିରେ 2ଗ୍ରାମ metalxyl+mancozeb କିମ୍ଵା 0.6ଗ୍ରାମ azoxistrobin+tebuconazole ଔଷଧ କୁ 10 ଦିନ ଅନ୍ତରରେ 2-3 ଥର ଅଦଳ ବଦଳ କରି ସିଞ୍ଚନ କରନ୍ତୁ.

9. ଝିପି ଝିପି ବର୍ଷା ଯୋଗୁଁ ଲଟା ଜାତୀୟ ଫଲସରେ ଶୋଷକ କୀଟ ଲାଗି ଅଙ୍ଗ ଭୁଷୁଙ୍ଗ ହେବାର ସମ୍ଭାବନା ଥାଏ. ଠିକ ଭାବେ ଫସଲ ନିରକ୍ଷଣ କରି ଏକର ପ୍ରତି 40ଗ୍ରାମ thiomethoxam କିମ୍ଵା 50ମିଲି imidacloprid କୁ 200ଲି ପାଣିରେ ମିଶାଇ ସିଞ୍ଚନ କରନ୍ତୁ.

10. ବର୍ତମାନ ପାଗରେଯଦି ପୋଟଳରେ ପତ୍ରପୋଡ଼ା, ପତ୍ରଚିତା ରୋଗ ଲାଗେ ତେବେ ୪୦୦ଗ୍ରାମ (Metalaxyl + Mancozeb) କିମ୍ଵା ୩୦୦ଗ୍ରାମ Chlorothalonil କିମ୍ଵା ୧୬୦ଗ୍ରାମ Azoxystrobin କୁ ୨୦୦ଲି ପାଣିରେ ମିଶାଇ ଏକର ହିସାବରେ ପତ୍ର ସିଞ୍ଚନ କରନ୍ତୁ.

11. ପନିପରିବା ରେ ଝାଉଁଳା ରୋଗ ଦେଖାଗଲେ 2g captan କିମ୍ଵା ୧ମିଲି Tebuconazole କୁ 1ଲି ପାଣିରେ ମିଶାଇ ସିଞ୍ଚନ କରନ୍ତୁ .

12. କଦଳୀ ଗଛରେ ମଞ୍ଜ ପଚାରୋଗ ଲାଗିଲେ Copper oxy chloride at 3g କୁ ପ୍ରତି ଲି. ପାଣିରେ ମିଶାଇ ସିଞ୍ଚନ କରନ୍ତୁ. ଯଦି ଶିଙ୍ଗାଟୋକା ରୋଗ ଲାଗୁଚି ତେବେ carbendizim + mancozeb @ 2 g କୁ ପ୍ରତି ଲି. ପାଣିରେମିଶାଇ ସିଞ୍ଚନ କରନ୍ତୁ

13. ଅମୃତଭଣ୍ଡାରେ ବର୍ଷା ପରେ ମୂଳ ପଚା ରୋଗ ଦେଖାଗଲେ ଜମିରୁ ଅତ୍ୟଧିକ ପାଣିକୁ ନିଷ୍କାସନ ବ୍ୟବସ୍ଥା କରନ୍ତୁ ଓ କବକ ନାଶକ thiophanate methyl 70%wp ୨-୪ ଗ୍ରାମ କୁ ପ୍ରତି ଲି ପାଣିରେ ମିଶାଇ ଗଛ ମୂଳରେ ସିଞ୍ଚନ କରନ୍ତୁ .

14. କରୋନା ମହାମାରୀ ରୁ ରକ୍ଷା ପାଇବା ପାଇଁ ସରକାରଙ୍କ ସମସ୍ତ ଉପଦେଶ ଅବଲମ୍ବନ କରନ୍ତୁ.ମୁଁହ ରେ ମାସ୍କ ବ୍ୟବହାର କରନ୍ତୁ ଓ ସାମାଜିକ ଦୂରତା ବଜାୟ ରଖନ୍ତୁ.

**କୃଷି ପାଣିପାଗ ବିଭାଗ, କୃଷି ବିଜ୍ଞାନ କେନ୍ଦ୍ର, କଟକ**